

ପାଠ -୧

# ବସବାସ କରୁଥିବା କେତେକ ପ୍ରାଣୀ

## ମଟର ଗଛର କାହାଣୀ

ମିନି ଏବଂ ଅପୁ ଦାଦାଙ୍କ ସହ ମଟର ଛୁଇଁ ବିକୁଥିଲେ( କିଛି ଖାଉଥିଲେ ମଧ୍ୟ )। ମିନି ତା ପାଟିକୁ ଗୋଟିଏ ମଟର ପକଇବା ସମୟରେ ଅପୁ ପାଟି କଲା,ରହ !

ଗୋଟିଏ ସବୁଜ ରଙ୍ଗର ଛୋଟ ପ୍ରଜାପତି ମିନି ଖାଇବାକୁ ଯାଉଥିବା ମଟର ଉପରେ ଏପାଖ ସେପାଖ ହେଉ ଥିଲା । ଏହା ବଞ୍ଚି ଥିଲା କି ? ମିନି ତାର ଆଙ୍ଗୁଠିରେ ତାକୁ ଛୁଇଁଲା । ଛୋଟ ପ୍ରଜାପତି ଶୂକଟିଏ ଉଡିଯାଇ ମଟର ପାଖରେ ଅଟକିଗଲା । ମୁଁ ଏହାକୁ ପୁଣିଥରେ ମଟରରେ ରଖିଦେବି । ପରେ ଏହାକୁ ବଗିଚାରେ ଛାଡି ଦେବି ।

ଦାଦା କହିଲେ, ତୁମେ ଜାଣକି କିଛି ସପ୍ତାହପରେ ଏହି ସବୁଜ ଶୂକଟି ଉଡିବା ଶିଖିଯିବ ଏବଂ ଏହାପରେ ଏହା ଏକ ଧୂସର ରଙ୍ଗର କୀଟ ହୋଇଯିବ । ମିନି ଏବଂ ଅପୁ ଆଶ୍ଚର୍ଯ୍ୟ ହୋଇ ସେହି ପତଙ୍ଗକୁ ଦେଖିଲେ । ମିନି କହିଲା, ଯଦି ତା ପୂର୍ବରୁ କେଉଁ ପକ୍ଷୀ ଏହାକୁ ଖାଇଦେବ,ଅପୁ ମିନିକୁ ରାଗିକି ଦେଖିଲା ।

ଜେଜେ କହିଲେ, ଗୋଟିଏ ଦିନରେ ଏହି ଛୋଟ ପତଙ୍ଗକୁ ତୁମେ କୀଟ ବା ପ୍ରଜାପତି ରୂପରେ ଦେଖିପାରିବ।ଯଦି ତୁମେ ଖୋଜିବ ଏହିପରି ବହୁତ ପ୍ରକାର ପତଙ୍ଗ ଦେଖିପାରିବ ଓ ତାହାର ଯତ୍ନ କିପରି ନେବ, ଶିଖିପାରିବ ।

ଚାଲ ଏବେ ଆରମ୍ବ କରିବା,ଅପୁ କହିଲା, "ଏହି ବଗିଚାରେ ଆମେ ବସବାସ କରୁଥିବା କେତେ ଜିନିଷ ଦେଖିପାରିବା ମିନି ?



ସ୍............ସ୍............ଧିରେ ଚାଲ, ଶବ୍ଦ କରନି,
ଆମେ ମାଟି ଉପରେ, ପଥର ତଳେ ଖୋଜିବା, ସେମାନେ ଲୁଚିଥିବେ ।
ଏହି ପୋଖରୀ କିମ୍ବା ନାଳରେ ସେମାନେ ପହଁରୁଥିବେ ଅବା ବୁଡ଼ି ଥିବେ ।
କିଛି ଗଛର ଚେରରେ ଲୁଚିଥିବେ ।
କିଛି ଗଛର ଡାଳରେ ,ପତ୍ରରେ, କୋରଡରେ ମଧ୍ୟ ଥିବେ।
ଆଉ କିଛି ନିଜର ପରକୁ ବିସ୍ତାରିତ କରି ପରେ ଉଡିଯିବେ ।

## ସଜୀବକୁ ଖୋଜିବା:-

୧. ଶ୍ରେଣୀ ଗୃହରେ :-

ତୁମ ଶ୍ରେଣୀ ଗୃହରେ ଦେଖୁଥିବା ପ୍ରାଣୀମନଙ୍କର ଗୋଟିଏ ତଲିକା ପ୍ରସ୍ତୁତ କର । ତୁମେ ତୁମର ସାଥି ଏବଂ ତୁମ ଶ୍ରେଣୀ ଶିକ୍ଷକ ହେଉଛନ୍ତି ସଜୀବ । ଶ୍ରେଣୀଗୃହରେ ଆଉଜଣେ ସଜୀବ ଅଛି ତାହାକୁହ ।

୨. ଶ୍ରେଣୀଗୃହ ବାହାରେ :-

ଏବେ ସେହି ପ୍ରାଣୀଙ୍କ ତଲିକା ପ୍ରସ୍ତୁତ କର, ଯାହାକୁ ତୁମେ ନିଜ ଖେଳପଡିଆରେ ଅଥବା ଘର ବାହାରେ ଦେଖୁଛ। ବିଭିନ୍ନ ପ୍ରକାର ଉଦ୍ଭିଦ ଏବଂ ଗଛକୁ ଦେଖ, ଭଲଭାବରେ ମାଟି ଉପରେ,ପଥର ତଳେ,ପୋଖରୀରେ, ବୁଦାମୂଳରେ,ଗଛ ଶାଖାରେ,ଗଛର ପତ୍ରରେ ଏବଂ ବକଳରେ,ବାୟୁରେ ଏବଂ ଆକାଶରେ ଦେଖ। ଦେଖିବ କିଏ ସର୍ବାଧିକ ପରିମାଣରେ ସଜୀବ ଦେଖିପାରୁଛି ଏବଂ ନାମ ଲେଖିପାରୁଛି ।

## ଯତ୍ନନିଅ!

ଅତ୍ୟଧିକ ଘାସ ବା ବୁଦା ଭିତରକୁ ଯାଅ ନାହିଁ । କୌଣସି ଫାଙ୍କ ବା ବଡ଼ ପଥର ତଳେ ତୁମ ହାତ ରଖ ନାହିଁ । ତୁମେ ଭୟଙ୍କର ଆତଙ୍କିତ ହୋଇ ପାରନ୍ତି !

୩. ଗ୍ରୀଷ୍ମ ଏବଂ ବର୍ଷା ସମୟରେ:-

ତୁମ ଘର ପାଖରେ କିମ୍ବା ବିଦ୍ୟାଳୟ ପାଖରେ ଏକ ଛୋଟ ଜମି ଦେଖ । ସେହିଠାରେ ଗ୍ରୀଷ୍ମଋତୁରେ ଯେତେ ପ୍ରକାର ଉଦ୍ଭିଦ ଓ ଜୀବ ଗୁଡ଼ିକ ଦେଖାଯାନ୍ତି, ସେ ଗୁଡ଼ାକ ଗଣ । ସେହ ଉଦ୍ଭିଦ ଗୁଡ଼ିକ ମଧ୍ୟରୁ କେତୋଟି ଗଛ ଅଟନ୍ତି ।

ବର୍ଷାଋତୁ ଆରମ୍ବ ହେବାପରେ ପୁଣି ଲକ୍ଷ୍ୟ କର । ସେହି ପୁରୁଣା ଗଛ ଏବେ ସବୁଜମୟ ଦେଖାଯିବ ।ଏବେ ତୁମେ ନୂଆ ପ୍ରକାରର ବହୁତ ଛୋଟ ଗଛ ଦେଖ । ଦିନ ଗୁଡ଼ିକ ଅତିକ୍ରମ କଲା ପରେ ସବୁ ଗଛ ବଡ ହୋଇଯିବ ।

ତୁମେ ନୂଆ ନୂଆ ପଶୁ ମଧ୍ୟ ଦେଖିବ , ବେଙ୍ଗ, ଜିଆ, କୀଟପତଙ୍ଗ,ପ୍ରଜାପତି, ମାଛି, ଶୂକ, କ୍ଷୁଦ୍ରପୋକ ଇତ୍ୟାଦି ।

ବର୍ଷାଋତୁରେ ଯେତେ ପ୍ରକାର ନୂଆ ନୂଆ ଉଦ୍ଭିଦ ଓ ଜୀବ ଦେଖିବ ତାକୁ ଗଣ ।

## ଚିନ୍ତାକର:-

ବର୍ଷାତୁରେ ଏତେ ଗୁଡାଏ ନୂଆ ନୂଆ ଉଦ୍ଭିଦ ଏବଂ ଜୀବ କୁଆଡୁ ଆସିଲେ ?

ଏ ଗୁଡିକ ଗ୍ରୀଷ୍ମ ଋତୁରେ କୋଉଠି ଲୁଚିକି ଥିଲେ?

**ଏହା ମନେରଖ**

**ଆମେ ଆମ ଚାରିପାଖରେ ବିଭିନ୍ନ ପ୍ରକାରର ସଜୀବ ଦେଖୁ । ସମସ୍ତ ସଜୀବ ଜିନିଷ ଗୁଡ଼ିକ ଉଦ୍ଭିଦ ବା ଜୀବ ଅଟନ୍ତି ।**

**ଉଦ୍ଭିଦ ଗୋଟିଏ ସ୍ଥାନରେ ସ୍ଥିର ହୋଇ ଥାଏ କିନ୍ତୁ ଜୀବ ଚାରିପଟେ ଗତି କରିଥାଏ । ଯେତେବେଳେ ବର୍ଷା ହୁଏ, ଆମେ ନୂଆ ନୂଆ ଉଦ୍ଭିଦ ଓ ଜୀବ ଦେଖୁ ।**

## ଶବ୍ଦ ଗୁଡିକୁ ଜାଣିବା

ସଜୀବ

ଗ୍ରୀଷ୍ମ

ପଶୁ

ଅଙ୍କୁରିତ

ସୁଡଙ୍ଗ

ଉଦ୍ଭିଦ

ବର୍ଷା

ମହୁମାଛି

ଚଳପ୍ରଚଳ

ଚଢିବା

ଘାସ

ଋତୁ

ସଂବାଳୁଆ

ମାଛି

ବଢିବା

ବୁଦା

ଗୋବରପୋକ

ଗଛ

## ପ୍ରଶ୍ନାବଳୀ

ନାମ ଲେଖ ଓ ଚିତ୍ର କର :

୧. ଏକ ଗଛ ଯାହା

**( କ)** ଅନ୍ୟ ଏକ ଗଛ ଉପରେ ଚଢେ –

**(ଖ)** ପାଣିରେବଢେ

୨. ଗୋଟିଏ ପଶୁ ଯାହା

**(କ)** ମାଟିରେ ଚାଲେ

**(ଖ)** ପବନରେ ଉଡେ

**(ଗ)** ମାଟି ତଳେ ରୁହେ

**(ଘ)** ପଥର ତଳେ ଲୁଚେ

**( ଙ)** ଗଛ ଓ ବୁଦାରେ ଚଢେ

**(ଚ)** ପାଣିରେ ରୁହେ-

ସଂକ୍ଷିପ୍ତ ପ୍ରଶ୍ନ :-

୧. ସଜୀବ ପ୍ରାଣୀର ଉଦାହରଣ ଦିଅ ଯାହା-

**(କ)** ସର୍ବଦା ମାଟି ଉପରେ ରୁହେ-

**(ଖ)** ଗୋଡ ଥିବାପ୍ରାଣୀ –

**(ଗ)** ମଣିଷ ଛଡା ଦୁଇ ଗୋଡ ଥିବା ପ୍ରାଣୀ-

**(ଘ)** ଚାରି ଗୋଡ ଥିବା ପ୍ରାଣୀ –

**(ଙ)** ଛଅ ଗୋଡ ଥିବା ପ୍ରାଣୀ –

**(ଚ)** ଆଠ ଗୋଡ ଥିବା ପ୍ରାଣୀ -

**(ଛ)** ବହୁତ ଗୋଡ ଥିବା ପ୍ରଣୀ ,ଯାହା ଗଣିବା କଷ୍ଟ –

**(ଜ)** ଦେହରେ ଲୋମ ଥିବା ପ୍ରାଣୀ –

**(ଝ)** ପତ୍ର ତଳେ ଥିବା ପ୍ରାଣୀ –

**(ଣ୍ଣ)** ବର୍ଷା ଦିନରେ ଦେଖାଯିବା ପ୍ରାଣୀ –

୨. ବର୍ଷା ଦିନେ ଘରର ଛାତ ଏବଂ କାନ୍ଥ କାଂହିକି ସବୁଜ ଦେଖାଯାଏ ?

କ'ଣ ସମାନ କ'ଣ ଅସମାନ:

୧. ଦୁଇଟି ସମାନତା ଓ ଦୁଇଟ ଅସମାନତା କୁହ-

**(କ)** ଆମ୍ବ ଗଛ ଓ ବର ଗଛ

**(ଖ)** ପ୍ରଜାପତିର ଛୁଆ ଏବଂ ଜିଆ

୨. ଅଲଗାଟିକୁ ବାଛ-

**(କ)** ନଡିଆ, ବେଙ୍ଗ ,ଚିକୁ ,ଆମ୍ବ

**(ଖ)** ମଶା, ପ୍ରଜାପତି ,କାଉ , ମହୁମାଛି

**(ଗ)** ବେଙ୍ଗ , ବିଲେଇ, ମାଛ , କୁମ୍ଭୀର

## କୁହ ଏବଂ ଲେଖ-

୧. ଏପରି ଏକ ଗୀତ ମନେପକାଅ ,ଯାହାକୁ ତୁମେ ଗୋଟିଏ ସଜୀବ ସହିତ ସମ୍ଭୋଧିତ କରିପାରିବ **(ଗଛ, ପଶୁ)**

୨. ତୁମ ସ୍କୁଲ ପଡିଆରେ ଥିବା ଏକ ଗଛ ବିଷୟରେ ଲେଖ ।

୩. ତୁମ ସ୍କୁଲ ପଡିଆରେ ଥିବା ଏକ ପଶୁ ବିଷୟରେ ଲେଖ ।

## ଶବ୍ଦ ସହ ଖେଳ :

୧. ନିମ୍ନରେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଠନ କର ।

ଘାସ , ଗଛ , ଫଳ , ସଂମ୍‌ବାଳୁଆ, କଂକି , ସୁଡଂଗ , ବଢିବା

୨. ଏହି ଶବ୍‌ଦ ମଧ୍ୟ୍‌ୟ୍‌ରୁ ଦୁଇଟି ଶବ୍‌ଦ ବ୍ୟ୍‌ବହାର କରି ବାକ୍ୟ୍ ଗଠନ କର ।

ପ୍‌ରଶ୍‌ନ ପଚାର

୧. ଏହି ବିଷୟ୍‌କୁ ଅଧ୍ୟ୍‌ୟ୍‌ୟ୍‌ନ କରିବା ସମୟ୍‌ରେ ଯେଂଉ ଗଛଲତା କିମ୍‌ବା ପ୍‌ରାଣୀ ତୁମେ ଦେଖିଛ ତାହା ଉପରେ ପ୍‌ରଶ୍‌ନ ତିଆରି କର ଏବଂ ଉତ୍‌ତର ବାହାର କର ।

## ତୁମେ ଜାଣିଛ କି ?

ଏହି ଦୁନିଆରେ ବହୁତ ପ୍‌ରକାର ଜୀବଜନ୍‌ତୁ ଅଛନନ୍‌ତି । ମଣିଷ ସବୁ ଜୀବଜନ୍‌ତୁକୁ କେବେ ବି ଖୋଜି ପାରିବନି । ଯେତେ ନୂଆ ନୂଆ ଜୀବ ଖୋଜିବା ସେତେ ନୂଆ ନୂଆ ଜୀବ ବାହାରିବେ ।

କିଛି ଜୀବ ଏତେ ଛୋଟ ଆମେ ଖାଲି ଆଖିରେ ଦେଖି ପାରିବା ନାହି । ଆମ ବାୟୁ,ପାଣି ମଧ୍ୟ୍‌ୟରେ ଅସଂଖ୍ୟ ଛୋଟ ଛୋଟ ଜୀବ ଅଛନ୍‌ତି । ଏହି ଛୋଟ କୀଟକୁ ଦେଖିବାକୁ ଆମେ ଆଣୁ ବୀକ୍‌ଷଣ ଯନ୍‌ତ୍‌ର ବ୍‌ୟବହାର କରୁ । ଜଳରେଥିବା ଅଣୁ ଜୀବଂକୁ ମାଇକ୍‌ରୋସ୍‌କୋପରେ ଦେଖୁ ।

ଏମିବା ଏକ କ୍‌ଷୁଦ୍‌ର ଅଣୁ ଜୀବ 



ଏବଂ ଏକ କ୍‌ଷୁଦ୍‌ର ଗୁଳ୍‌ମ ଅଟେ । ( ନୋସ୍‌ଟୋକ )